بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୧୧ ଅକ୍ଟୋବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

**ଖନ୍ଦକ୍ ଯୁଦ୍ଧ ଓ ବନୁ କୁରୈଜାଃର ବିବାଦ ପ୍ରସଙ୍ଗରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର**[ଅ.ବ] **କହିଲେ; ଆଜିକାଲି ଖୁତ୍‌ବାରେ** ଅହ୍‌ଜାବ୍ **(ଯୁଦ୍ଧର) ଚର୍ଚ୍ଚା ଚାଲିଛି । ସେହି ପରିପ୍ରେକ୍ଷୀରେ ଏହି ଚର୍ଚ୍ଚା ଚାଲିଥିଲା ଯେ, ଅମାନ୍ୟକାରୀମାନେ ଭୀଷଣ ଝଡତୋଫାନ ଯୋଗୁଁ ପ୍ରଭାତରୁ ହିଁ ସମ୍ପୂର୍ଣ୍ଣ ପଡିଆ ଖାଲି କରି ଚାଲିଗଲେ । ଯେତେବେଳେ ଅଲ୍ଲାଃତାଲା ଅମାନ୍ୟକାରୀ ସେନାକୁ ବିତାଡ଼ିତ କରିଦେଲେ ସେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ**[ସ.ଅ] **କହିଲେ;** ଅଲ୍‌ଅନା ନଗ୍‌ଯୁହୁମ୍ ୱଲା ୟଗ୍‌ଯୁନନା **ଅର୍ଥାତ ଆସନ୍ତାରେ ଆମେ ଅମାନ୍ୟକାରୀ କୁରୈଶ ବିପକ୍ଷରେ ବାହାରିବା କିନ୍ତୁ ସେମାନଙ୍କୁ ଆମ ବିପକ୍ଷରେ ବାହାରିବାର ସାହାସ ହେବ ନାହିଁ ଏବଂ ତତ୍‌ପଶ୍ଚାତ ସେହିପରି ହିଁ ଘଟିଲା ।** ଖନ୍ଦକ୍ **(ଗର୍ତ୍ତ)ର ଘେରାଉ ୧୫ଦିନ ଅଥବା ଗୋଟିଏ ବର୍ଣ୍ଣନାନୁଯାୟୀ ୨୦ଦିନ ଅଥବା ଏକ ମାସ ପର୍ଯ୍ୟନ୍ତ ରହିଥିଲା ।** ଖନ୍ଦକ୍ **ଯୁଦ୍ଧରେ ୯ଜଣ ମୁସଲମାନ ଶହିଦ୍ ହୋଇଥିଲେ ଏବଂ ୨ଜଣ ସାହାବା ପୂର୍ବରୁ ହିଁ ଶହିଦ୍ ହୋଇ ଯାଇଥିଲେ, ଯେଉଁମାନେ ଅବୁ ସୁଫିୟାନ୍ ସେନାର ସୂଚନା ଆଣିବାକୁ ଯାଇଥିଲେ । ଏପରି ମୋଟ ୧୧ଜଣ ସାହାବା ଶହିଦ୍ ହୋଇଥିଲେ ଯେତେବେଳେ କି ଅମାନ୍ୟକାରୀ ଦଳର ୩୦ଜଣ ବ୍ୟକ୍ତି ନିହତ ହୋଇଥିଲେ ।**

ଅହ୍‌ଜାବ୍ ଯୁଦ୍ଧର ଚମତ୍କାର ପରିଣାମ ଲାଭ ହେଲା । ଏଥିସଂକ୍ରାନ୍ତରେ ହଜରତ ମିର୍ଜା ବଶିର୍ ଅହେମଦ ସାହେବ ଉଲ୍ଲେଖ କରିଛନ୍ତି- ପାଖାପାଖି ୨୦ଦିନର ଘେରାଉ ପରେ ଅମାନ୍ୟକାରୀଙ୍କ ସେନା ମଦିନାରୁ କୌଣସି ଲକ୍ଷ ପ୍ରାପ୍ତ ନକରିପାରି ଫେରିଗଲା ଏବଂ ବନୁ କୁରୈଜାଃ ଯେ ସେମାନଙ୍କ ସାହାଯ୍ୟ ନିମନ୍ତେ ଅଣ୍ଟା ଭିଡ଼ିଥିଲା, ସେମାନେ ମଧ୍ୟ ପଳାୟନ କରି ନିଜ ଦୁର୍ଗରେ ଶରଣ ନେଲେ । ଏହି ଯୁଦ୍ଧରେ ୱସ୍ କବିଲାର ଶ୍ରେଷ୍ଠ ଧନାଢ୍ୟ ବ୍ୟକ୍ତି ସାଦ୍ ବିନ୍ ମାଜ୍ ଏପରି ଭୀଷଣ ରୂପେ ଆହତ ହୋଇଥିଲେ ଯେ ଶେଷରେ ସେଥିରୁ ବର୍ତ୍ତି ପାରିଲେ ନାହିଁ । ଏହି ଯୁଦ୍ଧରେ କୁରୈଶଙ୍କୁ ଏପରି କିଛି ଧକ୍କା ଲାଗିଲା ଯେ, **ସେଥିଅନ୍ତେ ସେ ଆସନ୍ତାରେ କଦାପି ମୁସଲମାନମାନଙ୍କ ବିପକ୍ଷରେ ଦଳବଦ୍ଧ ଭାବରେ ବାହାରିବାକୁ ଅଥବା ମଦିନା ଉପରେ ଆକ୍ରମଣ କରିବାର ଦୁଃସାହାସ କରି ପାରିଲେ ନାହିଁ ଏବଂ ହଜରତ ମୁହମ୍ମଦ** [ସ.ଅ]**ଙ୍କ ଭବିଷ୍ୟବାଣୀ ଅକ୍ଷର ଅକ୍ଷରେ ପୂରଣ ହେଲା ।**

ଅମାନ୍ୟକାରୀଙ୍କ ସେନା ମଦିନାରୁ ଚାଲିଯିବା ଅନ୍ତେ ହଜରତ ମୁହମ୍ମଦ[ସ.ଅ] ମଧ୍ୟ ସାହାବାଙ୍କୁ ମଦିନା ଫେରିଯିବାକୁ ଆଦେଶ ଦେଲେ । ବସ୍ତୁତଃ ମୁସଲମାନମାନେ ରଣକ୍ଷେତ୍ରରୁ ଉଠି ମଦିନାରେ ପଦାର୍ପଣ କଲେ । ଖନ୍ଦକ୍ ଅଥବା ଅହ୍‌ଜାବ୍ ଯୁଦ୍ଧ ଯାହାକି ଏପରି ଅନାୟାସ ଏବଂ ଅଜ୍ଞାତ ରୂପେ ସମାପ୍ତ ହେଲା, ଯାହାକି ଏକ ଅତି ଭୟଙ୍କର ଯୁଦ୍ଧ ଥିଲା । ଏତଦ୍ ବ୍ୟତୀତ ଅନ୍ୟ କୌଣସି ମହା ସଙ୍କଟାପର୍ଣ୍ଣ ସମସ୍ୟା ସେପର୍ଯ୍ୟନ୍ତ ସୁଦ୍ଧା ମୁସଲମାନମାନଙ୍କ ଉପରେ ଆସି ନଥିଲା ଏବଂ ନା ହୁଜୁର [ସ.ଅ]ଙ୍କ ଜୀବନରେ ସେପରି କୌଣସି ବିପତ୍ତି ଆସିଥିଲା । ତାହା ଏକ ମହାବିନାଶକାରୀ ଭୂକମ୍ପ ଥିଲା, ଯାହାକି ଇସଲାମୀୟ ଅଟ୍ଟାଳିକାକୁ ଆନ୍ଦୋଳିତ କରି ଦେଇଥିଲା ଏବଂ ଦୁର୍ବଳ ଲୋକମାନେ ମନେକଲେ କି ଏବେ ତ ଏହି ସମ୍ପ୍ରଦାୟର ଅବଶ୍ୟ ଅନ୍ତ ଘଟିବ । ଏହି ମହାବିପତ୍ତି ବନୁ କୁରୈଜାଃର ବିଶ୍ୱାସଘାତକତା ଯୋଗୁଁ

ଦୁଇଗୁଣିତ ହୋଇଗଲା । ଏସମସ୍ତ ବିଶୃଙ୍ଖଳା ମୂଳରେ ବନୁ ନଜିର୍‌ର ୟହୁଦି ରହିଥିଲେ । ଯାହାଙ୍କ ଉପରେ ହଜରତ ମୁହମ୍ମଦସ.ଅ ଦୟା କରି ସେମାନଙ୍କୁ ମଦିନାରୁ ଶାନ୍ତି ଶୃଙ୍ଖଳାର ସହିତ ଚାଲି ଯିବାକୁ ଅନୁମତି ପ୍ରଦାନ କରିଥିଲେ । ଏହା ସେହି ୟହୁଦି ଧନାଢ୍ୟମାନଙ୍କ ଉତ୍ତେଜନା ମୂଳକ କାର୍ଯ୍ୟକଳାପର ପରିଣାମ ଥିଲା, ଯଦ୍ୱାରା ଆରବ ଦେଶର ମରୁ ଅଞ୍ଚଳର ସମସ୍ତ ନାମି କବିଲା (ଗୋଷ୍ଠୀ)ଗୁଡ଼ିକ ଇସଲାମର ଶତ୍ରୁତାରେ ନିଶାଗ୍ରସ୍ତଙ୍କ ପରି ପାଲଟି ଯାଇଥିଲେ ଏବଂ ନିଜର କାଣ୍ଡଜ୍ଞାନ ହରାଇ ଇସଲାମକୁ ଧୂଳିଶାତ କରିବା ନିମନ୍ତେ ମଦିନାରେ ଏକତ୍ରିତ ହୋଇ ଯାଇଥିଲେ । ଏହା ଅଟଳ ଓ ସୁନିଶ୍ଚିତ ଥିଲା ଯେ, ଯଦି ସେତେବେଳେ ସେହି ହିଂସ୍ର ପ୍ରବୃତ୍ତ ଲୋକମାନଙ୍କୁ ସହରରେ ପ୍ରବେଶ କରିବାର ଅବସର ମିଳିଯାଇ ଥାନ୍ତା ତେବେ ମଦିନାରେ ଜଣେ ହେଲେ ମଧ୍ୟ ମୁସଲମାନ ଜୀବିତ ବର୍ତ୍ତି ପାରି ନଥାନ୍ତା ଏବଂ କୌଣସି ପବିତ୍ରବତ୍ତା ମୁସଲମାନ ନାରୀର ଇଜ୍ଜତ ସେହି ଅମଣିଷମାନଙ୍କ ଅପବିତ୍ର ଆକ୍ରମଣରୁ ସୁରକ୍ଷିତ ରହି ନଥାନ୍ତା । କିନ୍ତୁ ଏହା କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର କୃପା ଓ ନିୟତିର ଅଦୃଶ୍ୟ ହସ୍ତ ଥିଲା ଯାହାକି ସେହି ଝିଣ୍ଟିକା ଦଳକୁ ତାଙ୍କର ଲକ୍ଷ ପ୍ରାପ୍ତିରୁ ନିଷ୍ଫଳ ଫେରିବାକୁ ବାଧ୍ୟ କରିଦେଲା । **ଆଉ ମୁସଲମାନମାନେ କୃତଜ୍ଞ ଓ ବିନୀତତା ସହିତ ଚିରଶାନ୍ତି ତଥା ଆଶ୍ୱସ୍ତିପୂର୍ଣ୍ଣ ନିଶ୍ୱାସ ନେଇ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କଲେ ।**

କିନ୍ତୁ ବନୁ କୁରୈଜାଃର ଭୟ ସେପର୍ଯ୍ୟନ୍ତ ସୁଦ୍ଧା ଲାଗି ରହିଥିଲା ଏବଂ ତାଙ୍କର ପ୍ରତିରୋଧ କରିବା ଜରୁରୀ ଥିଲା । କାରଣ ମଦିନାରେ ସେମାନଙ୍କ ଅସ୍ତିତ୍ୱ ମୁସଲମାନମାନଙ୍କ ସକାଶେ ଅଣ୍ଟି ଛୁରୀ ତଣ୍ଟି କାଟିବା ସଦୃଶ ଥିଲା । ତାହାର ପ୍ରତିରୋଧ କରିବା ନିମନ୍ତେ ବନୁ କୁରୈଜାଃ ଖିଲାଫ୍‌ରେ ପଦକ୍ଷେପ ଗ୍ରହଣ କରାଗଲା ଯାହାକୁ ବନୁ କୁରୈଜାଃ ଯୁଦ୍ଧ କୁହାଯାଏ । ଯାହାକି ଜିଲ୍ କାଏଦାଃ ମାସ ୫ ହିଜ୍‌ରୀ ଅର୍ଥାତ ଅପ୍ରେଲ୍ ମାସ ୬୨୭ ଖ୍ରୀଷ୍ଟାବ୍ଦରେ ସଙ୍ଘଟିତ ହୋଇଥିଲା । ଖନ୍ଦକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ପରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଏବଂ ସାହାବା ନିଜ ଅସ୍ତ୍ରଶସ୍ତ୍ର ଓହ୍ଲାଇ ଦେଇଥିଲେ । ହଜରତ ଆଏଶାର.ଅ କୁହନ୍ତି; ଆମେମାନେ ଘରେ ଥିଲୁ ଯେ, ହୁଜୁର ସ.ଅଙ୍କୁ ଜଣେ ବ୍ୟକ୍ତି ଆସି କହିଲା; ହେ ଅଲ୍ଲାଃଙ୍କ ରସୁଲସ.ଅ ! ଆପଣ ନିଜ ଅସ୍ତ୍ରଶସ୍ତ୍ର ଓହ୍ଲାଇ ଦେଲେ । ଅଲ୍ଲାଃଙ୍କ ରାଣ ! ଆମେ ଏପର୍ଯ୍ୟନ୍ତ ସୁଦ୍ଧ ନିଜ ଅସ୍ତ୍ରଶସ୍ତ୍ର ଓହ୍ଲାଇ ନାହୁଁ ଏବଂ ଏବେ ଆମେ ଅହଜାବ୍ (ଶତ୍ରୁ ଦଳ ସମୂହ) ପିଛା କରି ଫେରୁଅଛୁ । ଏତାଦୃଶ ଆମେ ତାଙ୍କ ପିଛା କରି ହମ୍‌ରାଉଲ୍ ଅସଦ୍ (ସ୍ଥାନ)ରେ ପହଞ୍ଚି ଯାଇଥିଲୁ । ପରାକ୍ରମୀ ଅଲ୍ଲାଃତାଲା ସେମାନଙ୍କୁ ପରାଜିତ କଲେ ଏବଂ ସେ ହୁଜୁର ସ.ଅଙ୍କୁ ଇଙ୍ଗିତ କରି କହିଲେ ଏବେ ଆପଣ ବନୁ କୁରୈଜାଃ ଆଡ଼କୁ ପ୍ରସ୍ଥାନ କରନ୍ତୁ । ସେଥିସଂକ୍ରାନ୍ତରେ ହଜରତ ଆଏଶାର.ଅ ଆପଣ ସ.ଅଙ୍କୁ ପ୍ରଶ୍ନ କରିବାରୁ ଯେ, କ'ଣ ଏ ହଜରତ ଦହିୟା କଲ୍‌ବୀର.ଅ ଥିଲେ । ଏଥିରେ ହୁଜୁରସ.ଅ ଉତ୍ତର ଦେଲେ; ଏ ତାଙ୍କର ଅନୁରୂପ ହଜରତ ଜିବରାଇଲ୍ଅ.ସ ଥିଲେ । ତତ୍ ପଶ୍ଚାତ ହଜରତ ମୁହମ୍ମଦସ.ଅ ସେହିକ୍ଷଣି (ସାହାବାଙ୍କ ମଧ୍ୟରେ) ଘୋଷଣା କଲେ ଯେ, ବନୁ କୁରୈଜାଃ ଅଭିମୁଖେ ପ୍ରସ୍ଥାନ କର ଏବଂ ଆମେ ନମାଜେ ଅସର୍ ସେଠାରେ ହିଁ ପାଠ କରିବା । ଅତଏବ ସାହାବା ଏହି ଡ଼ାକରା ଶୁଣିବା ମାତ୍ରେ ସଙ୍ଗେସଙ୍ଗେ ଘରୁ ବାହାରି ଗଲେ । କିଛି ସାହାବା ନମାଜେ ଅସର୍‌ର ସମୟ ବିତି ଯାଉଥିବା ଦେଖି ମାର୍ଗରେ ହିଁ ପାଠ କରିନେଲେ ଏବଂ ଆଉ କେତେକ ସାହାବା ବନୁ କୁରୈଜାଃରେ ପହଞ୍ଚି (ନମାଜେ ଅସର୍) ପାଠ କଲେ ଯେତେବେଳେ କି ସୂର୍ଯ୍ୟ ଅସ୍ତ ହୋଇ ଯାଇଥିଲା । କିନ୍ତୁ ହୁଜୁରସ.ଅ ଉଭୟ ଦଳକୁ କିଛି କହିଲେ ନାହିଁ । ନବୀଶ୍ରେଷ୍ଠ ହଜରତ ଅଲୀ ର.ଅଙ୍କୁ ଡ଼ାକିଲେ ଏବଂ ତାଙ୍କୁ ମୁସଲମାନ ସେନାର ଅକାବ୍ ନାମି କଳାରଙ୍ଗର ବାନା ପ୍ରଦାନ କଲେ । ସର୍ବପ୍ରଥମେ ହୁଜୁରସ.ଅ ହଜରତ ଅଲୀ ର.ଅଙ୍କୁ ଏକ ଦଳ ସହିତ ପ୍ରେରଣ କଲେ ଏବଂ ସେମାନଙ୍କ ପଛପଛେ ସ୍ୱଂୟ ଅନ୍ୟ ସାହାବାଙ୍କ ସାଥିରେ ବାହାରି ପଡ଼ିଲେ ।

ମୁସଲମାନ ସେନା ବନୁ କୁରୈଜାଃ ଦଳ ଘେରାଉ କରିବାର ବିବରଣୀ ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ଘେରାଉର ସମୟ ପ୍ରଶସ୍ତ ହେଲା ଏବଂ ୟହୁଦିମାନଙ୍କୁ କୌଣସି ବାଟ ଦୃଶ୍ୟମାନ ହେଲା ନାହିଁ

ସେତେବେଳେ ତାଙ୍କର ମୁଖିଆ କାବ୍ ବିନ୍ ଅସଦ୍ ସେମାନଙ୍କ ସମକ୍ଷୁଖରେ ତିନୋଟି ପ୍ରସ୍ତାବ ଉପସ୍ଥାପନ କଲେ । **ପ୍ରଥମ** ଆମେମାନେ ମୁହମ୍ମଦ ସ.ଅଙ୍କ ଉପରେ ବିଶ୍ୱାସ ଆଣି ମୁସଲମାନ ହୋଇଯିବା । କାରଣ ଆପଣ ସ.ଅଙ୍କର ସତ୍ୟତା ଦିବାକର ପରି ପ୍ରତିପାଦିତ ହୋଇ ଯାଇଛି ଏବଂ ଏତଦ୍ ଦ୍ୱାରା ଯୁଦ୍ଧ ସୁନିଶ୍ଚିତ ରୂପେ ଟଳି ଯିବ । **ଦ୍ୱିତୀୟ** ଆମେମାନେ ନିଜ ପିଲାଛୁଆ ଓ ପତ୍ନୀମାନଙ୍କୁ ହତ୍ୟା କରି ନିଶ୍ଚିନ୍ତ ମନରେ ଖଣ୍ଡା ଧରି ରଣକ୍ଷେତ୍ରରେ ପଦାର୍ପଣ କରିବା, ସେଥିଅନ୍ତେ ଯାହା ପରିଣାମ ଉଦ୍ଭୃତ ହେବ ତେଣିକି ଦେଖାଅଛି । **ତୃତୀୟ** ଆଜି ସବତ୍ (ବିଶେଷ ଉପାସନା)ର ରାତି ଏବଂ ଆଜି ମୁହମ୍ମଦ ଓ ତାଙ୍କ ସାଥିମାନେ ଆମ ପାର୍ଶ୍ୱରୁ (ସବତ୍) ଯୋଗୁଁ ନିଶ୍ଚିନ୍ତ ଥିବେ ତେଣୁ ଆଜି ହିଁ ଆମେ ନିଜ ଦୁର୍ଗରୁ ବାହାରୀ ସେମାନଙ୍କ ଉପରେ ଆକ୍ରମଣ କରିଦେବା ଏବଂ ତାଙ୍କୁ ପତିତ କରିଦେବା । କିନ୍ତୁ ଏହି ତିନୋଟି ଯାକ ପ୍ରସ୍ତାବକୁ ବନୁ କୁରେଜାଃ ଦଳ ପ୍ରତ୍ୟାଖ୍ୟାନ କରିଦେଲା ଏବଂ ମାମଲା ଅପରିବର୍ତ୍ତିତ ରହିଲା । କାବ୍'ର କଥା ସମାପ୍ତ ହେବା ପରେ ଆଉ ଜଣେ ଯହୁଦି ଉମରୋ ବିନ୍ ସାଦୀ କହିଲେ; ତୁମେମାନେ ମୁହମ୍ମଦ ସ.ଅଙ୍କ ସହିତ ସନ୍ଧି କଲ ଏବଂ ତାହାକୁ ଭଙ୍ଗ କରିଦେଲ, ଏବେ ଅନ୍ତତଃ ନିଜ ଧର୍ମ ଉପରେ ତ ପ୍ରତିଷ୍ଠିତ ରୁହ ଏବଂ ତାଙ୍କୁ ଟିକସ ଦେଇ ଏହି ଆସନ୍ନ ପ୍ରାୟ ବିପତ୍ତିରୁ ମୁକ୍ତି ପାଇଯାଅ । କିନ୍ତୁ ତାଙ୍କର ଏହି ପ୍ରସ୍ତାବକୁ ମଧ୍ୟ ରଦ୍ଦ କରି ଦିଆଗଲା । ଯଦ୍ଦ୍ୱାରା ସେ ସେହି ରାତିରେ ଉକ୍ତ ଦୁର୍ଗରୁ ବାହାରି ଚାଲି ଆସିଲେ ଏବଂ ହୁଜୁର ସ.ଅଙ୍କ ଅନୁମତିକ୍ରମେ ତାଙ୍କୁ ସେହିଠାରୁ ଚାଲିଯିବାକୁ ଦିଆଗଲା । ମହାଭାଗ ତାଙ୍କୁ କହିଲେ; ତୁମେ ଏପରି ବ୍ୟକ୍ତି ଯାହାର ବିଶ୍ୱସ୍ତତା ଯୋଗୁଁ ପରମେଶ୍ୱର (ତୁମକୁ) ମୁକ୍ତି ପ୍ରଦାନ କରି ଦେଇଛନ୍ତି । ମହାଭାଗଙ୍କର ଏହି ଉକ୍ତି ଶୁଣିବା ପରେ ଆଉ ତିନିଜଣ (ଯହୁଦି) ବ୍ୟକ୍ତି ସେହିଦିନ ରାତିରେ ଦୁର୍ଗରୁ ବାହାରି ଇସଲାମ ଧର୍ମର ଦୀକ୍ଷା ନେଲେ ଏବଂ ନିଜ ଜୀବନ, ପରିବାର ଓ ଧନସମ୍ପତ୍ତିକୁ ରକ୍ଷା କରିନେଲେ ।

ସେହି ଅବସରରେ ହଜରତ ଅବୁ ଲୁବାବାଃ ର.ଅଙ୍କର ଏକ ଘଟଣା ମଧ୍ୟ (ଇତିହାସ ପୃଷ୍ଠା)ରେ ଉଲ୍ଲେଖ ରହିଛି ଯେ, ବନୁ କୁରେଜାଃ ଦଳର ଅଭିଳାଷରେ (ସନ୍ଧି କରିବା) କଥାଭାଷା ହେବା ନିମନ୍ତେ ହୁଜୁରସ.ଅ ହଜରତ ଅବୁ ଲୁବାବାଃ ବିନ୍ ମୁନଜିର୍ ଅନ୍‌ସାରୀଙ୍କୁ ସେମାନଙ୍କ ଦୁର୍ଗ ଭିତରକୁ ପ୍ରେରଣ କଲେ । କିନ୍ତୁ ବନୁ କୁରୈଜାଃ ଏକ ପଇଁତରା କଲେ ଏବଂ ଯେମିତି ଉକ୍ତ ସାହାବୀ ଜଣକ ଦୁର୍ଗରେ ପ୍ରବେଶ କଲେ ସେହିକ୍ଷଣି ତାଙ୍କ ନିକଟରେ ଯହୁଦି ମହିଳା ଓ ପିଲାମାନେ ରୋଦନ କରିବା ଆରମ୍ଭ କରିଦେଲେ । ତାହା ଦେଖି ଅବୁ ଲୁବାବାଃ ନମ୍ର ପଡ଼ିଗଲେ, ସେ କହିଲେ; ହଜରତ ମୁହମ୍ମଦସ.ଅ ନିଜ ନିଷ୍ପତ୍ତି ମନେଇବା ବ୍ୟତୀତ ତୁମର କୌଣସି ପ୍ରସ୍ତାବ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି । ଏଥିରେ ସେମାନେ କହିଲେ; ଆପଣ କ'ଣ କହୁଛନ୍ତି, ଆମେ ତାଙ୍କ ନିଷ୍ପତ୍ତି ସ୍ୱୀକାର କରିନେବୁ ? ଅବୁ ଲୁବାବାଃ ଉତ୍ତର ଦେଲେ ହଁ ଏବଂ ନିଜ ହସ୍ତରେ ନିଜ ଗଳାକୁ ଜେବହ କଲା ପରି ଇଶାରା କଲେ ଯେ, ହୁଜୁରସ.ଅ ତୁମମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବେ । ଯେତେବେଳେ କି ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା ଥିଲା । **କାରଣ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କଦାପି ଏପରି କୌଣସି ମତ ବ୍ୟକ୍ତ କରି ନଥିଲେ ।** ହଜରତ ଅବୁ ଲୁବାବାଃ କହିଲେ; ଅଲ୍ଲାଃଙ୍କ ରାଣ ! ମୁଁ ଅନୁଭବ କଲି ଯେ, ମୁଁ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ସହିତ ବିଶ୍ୱାସଘାତକତା କରିଛି । ତେଣୁ ମୁଁ ଅନୁତାପ କଲି କି ଏ ମୁଁ କି ପ୍ରକାରର ଇଶାରା କରିଦେଲି । ବସ୍ତୁତଃ ମୁଁ ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ ପାଠ କଲି ଏବଂ ସେଠାରୁ ଫେରି ଆସି ହୁଜୁର ସ.ଅଙ୍କ ନିକଟକୁ ଆଦୌ ଗଲି ନାହିଁ ଏବଂ ମସଜିଦ୍ ଯାଇ ନିଜକୁ ଦଣ୍ଡିତ କରି (ଖମ୍ବ)ରେ ସ୍ୱୟଂକୁ ବାନ୍ଧି ନେଲି । ଆଉ କହିଲି, ମୁଁ ଏହିସ୍ଥଳୁ ହଟିବି ନାହିଁ ଯେପର୍ଯ୍ୟନ୍ତ ମୁଁ ମୃତ୍ୟୁ ବରଣ କରି ନାହିଁ ଅଥବା ଅଲ୍ଲାଃ ମୋର ସେହି କର୍ମ ଯୋଗୁଁ ମୋତେ କ୍ଷମା କରି ଦେଇ ନାହାନ୍ତି । ଇବ୍‌ନେ ହିଶାମ୍ କୁହନ୍ତି; ସେ ସେହିପରି ଛ'ରାତି ପର୍ଯ୍ୟନ୍ତ ବନ୍ଧା ହୋଇ ପଡ଼ି ରହିଲେ । **ପରିଶେଷରେ ପରମ ଦୟାମୟ ପ୍ରଭୁ ତାଙ୍କର କ୍ଷମାଯାଚନା ସ୍ୱୀକାର କରିନେଲେ ଏବଂ ସେଥିସଂକ୍ରାନ୍ତରେ ହୁଜୁର ସ.ଅଙ୍କ ଉପରେ ଦୈବୀବାଣୀ ଅବତୀର୍ଣ୍ଣ ହେଲା ।**

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ସେ ଯାହା ହେଉ ଏହା ସ୍ପଷ୍ଟ ରହିଥାଉ ଯେ, ହଜରତ ଅବୁ ଲୁବାବାଃ ଏହି ଘଟଣା ହଦିସ୍‌ର ପୁସ୍ତକମାନ ଅର୍ଥାତ ସିହା ସିତ୍‌ତାରେ ମିଳୁ ନାହିଁ, କିନ୍ତୁ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ତେବେ ଆସନ୍ତାରେ ମଧ୍ୟ ଏହି ଚର୍ଚ୍ଚା ଅବ୍ୟାହତ ରହିବ । ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଦୁଆ କରିବା ପାଇଁ ମୁଁ ଆହ୍ୱାନ ଜଣାଉଛି । ପାକିସ୍ତାନର ଅହେମଦିମାନେ ମଧ୍ୟ ନିଜ ପାଇଁ ବହୁତ ଦୁଆ କରିବା ଉଚିତ୍ । ଆଜିକାଲି ସେମାନଙ୍କ ଉପରେ ଅନେକ କଟକଣା ଲାଗୁ କରାଯାଉଛି । ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାକୁ ପୂର୍ବାପେକ୍ଷା ଅଧିକ ପ୍ରୟାସ କରନ୍ତୁ । କାରଣ ଦିନ ପ୍ରତିଦିନ ସେଠାରେ ପରିସ୍ଥିତି ଅଧିକ ଶୋଚନୀୟ ହୋଇଚାଲିଛି । ଅଲ୍ଲାଃତାଲା ଦୟା ଓ କୃପା ଅବତୀର୍ଣ୍ଣ କରନ୍ତୁ । ଏତାଦୃଶ ସଂସାରରେ ବସବାସ କରୁଥିବା ଅହେମଦିମାନଙ୍କୁ ନିଜ ପାକିସ୍ତାନ ଭାଇମାନଙ୍କ ସକାଶେ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ସମସ୍ୟାଗୁଡ଼ିକୁ ଦୂର କରନ୍ତୁ । ଆମିନ୍ ।

ଏହିପରି ବାଙ୍ଗଲାଦେଶର ଅହେମଦିମାନଙ୍କ ପାଇଁ ଦୁଆ କରିବେ, ସେମାନଙ୍କୁ ସ୍ୱୟଂ ମଧ୍ୟ ବହୁତ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ସମସ୍ତ ପ୍ରକାରର ବିପତ୍ତିରୁ ସେମାନଙ୍କୁ ଉଦ୍ଧାର କରନ୍ତୁ । ସେଠାରେ ମଧ୍ୟ ଅହେମଦିମାନେ ଅନେକ ଅସୁବିଧା ଓ କଟକଣାର ସମ୍ମୁଖୀନ ହେଉଛନ୍ତି । ଉପଦ୍ୱୀପଗୁଡ଼ିକର ଅହେମଦିମାନଙ୍କ ପାଇଁ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସମସ୍ତ ପ୍ରକାରର ବିପତ୍ତିରୁ ରକ୍ଷା କରନ୍ତୁ । ତାଙ୍କୁ ମଧ୍ୟ ଧରପଗଡ଼ କରାଯାଉଛି । ଅଲ୍ଲାଃତାଲା ସେମାନଙ୍କର ବିଶ୍ୱାସ ସୁଦୃଢ ରଖନ୍ତୁ । ସୁଦାନରେ ଯୁଦ୍ଧର ଉତ୍କଟ ପରିସ୍ଥିତି ଯୋଗୁଁ ସେଠାକାର ଅହେମଦିମାନଙ୍କ ଅବସ୍ଥା ଅତି ଭୟାବହ ରହିଛି । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ ।

ପ୍ରତ୍ୟେକ ସ୍ଥାନରେ ଜଣେ କଲ୍‌ମା ପାଠକାରୀ ଅନ୍ୟ କଲ୍‌ମା ପାଠକାରୀ ଦ୍ୱାରା ଦୁଃଖକଷ୍ଟ ଓ ନିର୍ଯ୍ୟାତନା ଭୋଗ କରୁଅଛି ଏବଂ ଏହି କାରଣରୁ ଅନ୍ୟମାନେ ଅର୍ଥାତ ଇସଲାମ ବିରୋଧୀମାନେ ନିର୍ଦ୍ୱନ୍ଦରେ ମୁସଲମାନମାନଙ୍କର କ୍ଷତି ସାଧିତ କରିବାକୁ ବଳବତ୍ତର ହୋଇ ଉଠୁଛନ୍ତି । ତେଣୁ ବହୁତ ଦୁଆ କରନ୍ତୁ । ଅଲ୍ଲାଃତାଲା ଇସ୍ରାଇଲ୍ ଓ ଆମେରିକା ଉଭୟ ଦେଶର ପ୍ରଶାସନିକ ଅଧିକାରୀଙ୍କ ହସ୍ତ ରୋକି ପାରିବେ । ତାଙ୍କ ନିକଟରେ ସକଳ ସାମର୍ଥ୍ୟ ରହିଛି କିନ୍ତୁ ଏଥିନିମନ୍ତେ ମୁସଲମାନମାନଙ୍କୁ ନିଜ କାର୍ଯ୍ୟକଳାପ ପ୍ରଭୁଙ୍କ ପ୍ରସନ୍ନତା ଲାଭ କରିବା ମୁତାବକ କରିବା ଅନିବାର୍ଯ୍ୟ । ପରସ୍ପରର ଭାଇ ହେବାକୁ ପଡ଼ିବ, ପାରସ୍ପରିକ ମତଭେଦକୁ ଦୂର କରିବାକୁ ହେବ । ତେବେଯାଇ ଅଲ୍ଲାଃତାଲା ନିଜର ପ୍ରତିଶ୍ରୁତି ପୂରଣ କରିବେ । ଏତଦ୍ ବ୍ୟତୀତ ତ କଦାପି ସମ୍ଭବ ନୁହେଁ । ମୁସଲମାନମାନେ ନିଜକୁ ପ୍ରକୃତ ବିଶ୍ୱାସକାରୀ ସାବ୍ୟସ୍ତ କରିବାକୁ ହେବ । ଯାହାକି କୌଣସି ସ୍ଥଳେ ଆମକୁ ଦୃଶ୍ୟମାନ ହେଉ ନାହିଁ । ଅଲ୍ଲାଃତାଲା ଆମମାନଙ୍କୁ ଓ ସମସ୍ତ ମୁସଲମାନମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହ୍‌ଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

ଋଋଋ ଋଋଋ ଋଋଋ ଋଋଋ

Khulasa Khutba Juma Huzoor Anwar a.b.a

11th October 2024

*Translated to Odia by :* Moulavi Anwar Ahmad Khan